# କମ୍ପ୍ୟୁଟର ଶିକ୍ଷା ଓ ପ୍ରୟୋଗ

## (ପ୍ରଥମ ଭାଗ)



ଶିକ୍ଷା ଅଧିକାର

ସର୍ବଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ,
ଭୁବନେଶ୍ୱର

# କମ୍ପ୍ୟୁଟର ଶିକ୍ଷା ଓ ପ୍ରୟୋଗ
## (ପ୍ରଥମ ଭାଗ)

**ସମ୍ପାଦକ ମଣ୍ଡଳୀ:**

ପ୍ରଫେସର ସତୀଶ ପ୍ରଧାନ
ଶ୍ରୀ ନୀଳାମ୍ବର ବିଶ୍ୱାଳ
ଡ. ନଳିନୀକାନ୍ତ ମିଶ୍ର
ଶ୍ରୀମତୀ ସାଗରିକା ଲେଙ୍କା
ଶ୍ରୀ କାର୍ତ୍ତିକ ଚନ୍ଦ୍ର ବେହେରା

**ସମୀକ୍ଷକ ମଣ୍ଡଳୀ:**

ଡ. ଅକ୍ଷୟ କୁମାର ଓଝା
ପ୍ରଫେସର ସତୀଶ ପ୍ରଧାନ

**ସଂଯୋଜନା:**

ଡ. ତିଲୋତ୍ତମା ସେନାପତି

**ପ୍ରକାଶକ:**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା, ସରକାର

**ମୁଦ୍ରଣ ବର୍ଷ :**

୨୦୧୭

**ମୁଦ୍ରଣ:**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

**ପ୍ରସ୍ତୁତି:**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

# ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ପଦେ

ସଂପ୍ରତି ମଣିଷର ଦୈନନ୍ଦିନ ଜୀବନ ସହ କମ୍ପ୍ୟୁଟରର ବ୍ୟବହାର ବହୁଳ ଭାବରେ ଜଡ଼ିତ । ଲେଖାଲେଖି, ହିସାବକିତାବ, ଶିକ୍ଷାଦାନ ଆଦି ପ୍ରତ୍ୟେକ କ୍ଷେତ୍ରରେ କମ୍ପ୍ୟୁଟରର ପ୍ରୟୋଗ ଅପରିହାର୍ଯ୍ୟ ହୋଇ ଉଠିଛି । ଆଜିର 'ସୂଚନା ଓ ପ୍ରଯୁକ୍ତି ବିଦ୍ୟା' ଯୁଗରେ 'କମ୍ପ୍ୟୁଟର ଶିକ୍ଷା'କୁ ମୌଳିକ ପାଠ୍ୟ ଭାବରେ ସର୍ବତ୍ର ଗ୍ରହଣ କରାଗଲାଣି ମାତ୍ର ଆମ ରାଜ୍ୟରେ ଏ ଦିଗରେ ଅଗ୍ରଗତି ଉତ୍ସାହପ୍ରଦ ନୁହେଁ ।

ଏଥିପାଇଁ ସରକାର ଅନେକ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ସାରିଲେଣି । ଅଳ୍ପଦିନ ଭିତରେ ସମସ୍ତ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ କରିବାର ଯୋଜନା କରୁଛନ୍ତି । କେତେକ ବିଦ୍ୟାଳୟ ନିଜସ୍ୱ ଖର୍ଚ୍ଚରେ କମ୍ପ୍ୟୁଟର କିଣିସାରିଲେଣି, ମାତ୍ର ଓଡ଼ିଆ ଭାଷାରେ ବିଧିବଦ୍ଧ କମ୍ପ୍ୟୁଟର ପାଠ୍ୟ ପୁସ୍ତକ ନଥିବାରୁ ସରକାରଙ୍କର ଏହି ଯୋଜନା ସ୍ୱୟଂସଂପୂର୍ଣ୍ଣ ହେବାର ଆଶା କରାଯାଇ ପାରୁନାହିଁ । ତେଣୁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦକୁ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ କମ୍ପ୍ୟୁଟର ପାଠ୍ୟ ପୁସ୍ତକ ପ୍ରସ୍ତୁତିର ଦାୟିତ୍ୱ ଦିଆଯାଇଛି ।

ଏବେ 'କମ୍ପ୍ୟୁଟର ଶିକ୍ଷା ଓ ପ୍ରୟୋଗ' ନାମରେ ତିନୋଟି ବହି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ଦୁଇବର୍ଷ ଭିତରେ ପ୍ରକାଶ ପାଇବ । ଏବେ ବହିର ପ୍ରଥମ ଭାଗ ପ୍ରକାଶ ପାଉଛି । ଏହି ପ୍ରଥମ ଭାଗ ପୁସ୍ତକକୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ସବୁ ଶିକ୍ଷାର୍ଥୀ ଆଗାମୀ ଶିକ୍ଷାବର୍ଷ ଠାରୁ ପଢ଼ିବେ ।

ବହିଟିର ବିଶେଷତ୍ୱ ହେଲା –

- ପ୍ରାଥମିକ ଶ୍ରେଣୀର ପିଲାଏ ବୁଝିବା ଭଳି ସରଳ ଭାଷାରେ ଲେଖାଯାଇଛି ।
- ପ୍ରତ୍ୟେକ କମ୍ପ୍ୟୁଟର ସଂପର୍କିତ ଶବ୍ଦକୁ ଓଡ଼ିଆ ଲିପିରେ ଲେଖାଯାଇ ତାହାର ଇଂରାଜୀ ପ୍ରତିଶବ୍ଦ ବନ୍ଧନୀ ଭିତରେ ଲେଖାଯାଇଛି ।
- ଏହାର ପାଠ୍ୟକୁ ବୋଧଗମ୍ୟ କରିବାପାଇଁ ପାଠ୍ୟ ସଂଶ୍ଳିଷ୍ଟ ଛବିଗୁଡ଼ିକ ଯଥାସ୍ଥାନରେ ସ୍ଥାନିତ ହୋଇଛି ।
- ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିକରିବା ପାଇଁ ବହିଟିର ରଙ୍ଗୀନ ମୁଦ୍ରଣ କରାଯାଇଛି ।
- କମ୍ପ୍ୟୁଟର କାର୍ଯ୍ୟକ୍ରମ ସଂଚାଳନ ପାଇଁ Windows 7 ଓ Windows 10 ଉଭୟ ପ୍ରଚାଳକ (OS) ଆଧାରରେ ଅଧ୍ୟାୟଗୁଡ଼ିକୁ ଲେଖାଯାଇଛି ।
- Windows 10 ପ୍ରଚାଳକ (OS) ହେଉଛି ସର୍ବାଧୁନିକ ପ୍ରଚାଳନ ପଦ୍ଧତି । ଏହା ଆଧାରରେ କମ୍ପ୍ୟୁଟର କାର୍ଯ୍ୟକ୍ରମ ସଂଚାଳନ ଅତ୍ୟନ୍ତ ସହଜ, ମାତ୍ର ଅଧିକାଂଶ କମ୍ପ୍ୟୁଟର ପଦ୍ଧତିରେ ସେହି ପୁରୁଣା ପ୍ରଚାଳକ ଯଥା– Windows 7, Windows XP, Windows 98 ଆଧାରରେ କାମ ଚାଲିଛି । ତେଣୁ Windows 7 ପାଠ୍ୟ ମଧ୍ୟ ଏଥିରେ ଦିଆଯାଇଛି ।
- କମ୍ପ୍ୟୁଟରରେ ବ୍ୟବହାରିକ ଜ୍ଞାନର ଆବଶ୍ୟକତାକୁ ଆଖିରେ ରଖି ଅଧ୍ୟାୟ ଶେଷରେ ପରୀକ୍ଷାଗାରରେ କମ୍ପ୍ୟୁଟର କାର୍ଯ୍ୟକ୍ରମର ପାଠ୍ୟ ଦିଆଯାଇଛି ।
- ଶ୍ରେଣୀ ଶିକ୍ଷାଦାନରୁ ଅର୍ଜିତ ଜ୍ଞାନର ପରିବୃଦ୍ଧି ପାଇଁ ଅଧ୍ୟାୟ ଶେଷରେ ଉପାଦେୟ ଅନୁଶୀଳନୀ ସଂଯୋଜିତ ହୋଇଛି ।
- ସବୁଠାରୁ ବଡ଼ କଥା ହେଲା, ଶିକ୍ଷକମାନେ ଇଂରାଜୀରେ ଲିଖିତ କମ୍ପ୍ୟୁଟର ବହିପଢ଼ି ଆମ ପିଲାମାନଙ୍କୁ ପଢ଼ାଇବାର ସମସ୍ୟାରୁ ରକ୍ଷା ପାଇବେ ।

ପୂର୍ବରୁ ପ୍ରାଥମିକ ଶ୍ରେଣୀପାଇଁ ବିଧିବଦ୍ଧ କମ୍ପ୍ୟୁଟର ପାଠ ବହି ନଥିଲା । ଏହା ପ୍ରଥମ ପାଠ୍ୟପୁସ୍ତକ ହୋଇଥିବାରୁ ଆଗରୁ ଇଂରାଜୀ ମାଧ୍ୟମରେ କମ୍ପ୍ୟୁଟର ଶିଖିଥିବା ଲୋକଙ୍କ ପାଇଁ ଅଭ୍ୟାସଗତ କାରଣରୁ ଏହି ବହିର ଓଡ଼ିଆ ଶବ୍ଦାବଳୀ ଅଡୁଆ ଲାଗିପାରେ, ମାତ୍ର ଶିକ୍ଷାର୍ଥୀଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବନାହିଁ କାରଣ କମ୍ପ୍ୟୁଟର ପାଠକୁ ସେମାନେ ପ୍ରଥମେ ପଢୁଛନ୍ତି ।

ସମସ୍ତ ସତର୍କତା ପରେ ବହିଟି ଯେ ଶତପ୍ରତିଶତ ତ୍ରୁଟିଶୂନ୍ୟ, ଏହା କହି ହେବ ନାହିଁ, ତେଣୁ ବହି ବାବଦରେ ଗଠନମୂଳକ ମତାମତ ଦେଲେ, ଆଗାମୀ ସଂସ୍କରଣ ନିଶ୍ଚିତ ସମୃଦ୍ଧ ହେବ ।

# ସୂଚୀପତ୍ର


| ଅଧ୍ୟାୟ | ବିଷୟ | | ପୃଷ୍ଠା |
|---|---|---|---|
| ପ୍ରଥମ | କମ୍ପ୍ୟୁଟର ସମ୍ବନ୍ଧୀୟ ମୌଳିକ ଧାରଣା | : | 01 |
| | • କମ୍ପ୍ୟୁଟର କ'ଣ | | |
| | • କମ୍ପ୍ୟୁଟରର ବୈଶିଷ୍ଟ୍ୟ | | |
| | • କମ୍ପ୍ୟୁଟରର ଇତିହାସ | | |
| | • କମ୍ପ୍ୟୁଟର ବିଜ୍ଞାନର ଆରମ୍ଭ | | |
| | • କମ୍ପ୍ୟୁଟର ପିଢ଼ି | | |
| | • କମ୍ପ୍ୟୁଟର ବିଭାଗୀକରଣ | | |
| | • କମ୍ପ୍ୟୁଟରର ପ୍ରୟୋଗ | | |
| ଦ୍ୱିତୀୟ | କମ୍ପ୍ୟୁଟରର ଯନ୍ତ୍ରାଂଶ | : | 18 |
| | • ନିବେଶ ବିଭାଗ | | |
| | • କେନ୍ଦ୍ରୀୟ କାର୍ଯ୍ୟ ନିର୍ବାହୀ ବିଭାଗ (ସିପିୟୁ) | | |
| | • ସ୍ମୃତି (ମେମୋରୀ) | | |
| | • ନିର୍ଗମ ବିଭାଗ | | |
| | • ପର୍ସନାଲ କମ୍ପ୍ୟୁଟରର ଅନ୍ୟ କେତୋଟି ଉପକରଣ | | |
| ତୃତୀୟ | କମ୍ପ୍ୟୁଟର ସଫ୍‌ଟଓ୍ୱାର | : | 34 |
| | • ସଫ୍‌ଟଓ୍ୱାର | | |
| | • ପ୍ରଚାଳନ ପଦ୍ଧତି | | |
| ଚତୁର୍ଥ | ଉଇଣ୍ଡୋଜ୍ ସମ୍ବନ୍ଧୀୟ ମୌଳିକ ଧାରଣା | : | 44 |
| | • ଉଇଣ୍ଡୋଜ୍ କ'ଣ | | |
| | • ଉଇଣ୍ଡୋଜ୍‌ର ଉପାଂଶ | | |
| | • ମାଉସର ମୌଳିକ କାର୍ଯ୍ୟ ପ୍ରଣାଳୀ | | |
| ପଞ୍ଚମ | ଉଇଣ୍ଡୋଜ୍ ଆସେସୋରିଜ୍ ଓ ଇଣ୍ଟରନେଟ୍ | : | 59 |
| | • ଉଇଣ୍ଡୋଜ୍ ଆସେସୋରିଜକୁ ଖୋଲିବା | | |
| | • ନୋଟ୍‌ପ୍ୟାଡ୍ | | |
| | • ଓ୍ୱାର୍ଡପ୍ୟାଡ୍ | | |
| | • କାଲକୁଲେଟର | | |
| | • ପେଣ୍ଟ | | |
| | • କମ୍ପାକ୍ଟ ସିଡି | | |
| | • ପେନ୍ ଡ୍ରାଇଭ | | |
| | • ଉଇଣ୍ଡୋଜ୍ ମେଡିଆ ପ୍ଲେୟାର | | |
| | • ଇଣ୍ଟରନେଟ | | |